# କେନ୍ଦ୍ର ସାହିତ୍ୟ ଏକାଡେମୀ ଅନୁବାଦ ପୁରସ୍କାର ଘୋଷିତ

# ଓଡ଼ିଶାରୁ ପାଇବେ ସୁଭାଷ ଶତପଥୀ



**ଭୁବନେଶ୍ୱର,୭/୩(ହୀ.ପ୍ର):** ଆଜି ବିଭିନ୍ନ ଭାଷାର ୨୧ଟି ଅନୁବାଦ ପୁସ୍ତକ ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ମର୍ଯ୍ୟାଦାଜନକ ଅନୁବାଦ ପୁରସ୍କାର ୨୦୨୪ ଘୋଷଣା କରାଯାଇଛି। ସେମାନଙ୍କ ମଧ୍ୟରେ ଓଡ଼ିଶାରୁ ବିଶିଷ୍ଟ ଅନୁବାଦକ ତଥା ପ୍ରମେୟର ଫିଚ୍ରର୍ ସମ୍ପାଦକ ସୁଭାଷ ଶତପଥୀ ରହିଛନ୍ତି। ମାର୍ଚ୍ଚ ସାତ ତାରିଖ ଦିନ ସାହିତ୍ୟ ଏକାଡେମୀର ସଭାପତି ମାଧବ କୌଶିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକାଡେମୀ କାର୍ଯ୍ୟକାରୀ ସମିତି ବୈଠକରେ ଏହି ପୁରସ୍କାର ସମ୍ପର୍କରେ ନିଷ୍ପତ୍ତି ନିଆଯାଇଛି। ଅନୁବାଦକ ସୁଭାଷ ଶତପଥୀ 'କୋକିଶିଆଳିର ଏକକ ନୃତ୍ୟ' ଶୀର୍ଷକ ବିଶିଷ୍ଟ ଇଂରାଜୀ ଲେଖକ ରସ୍କିନ୍ ବଣ୍ଡଙ୍କ ଆତ୍ମଜୀବନୀ 'ଲୋନ ଫକ୍ସ ଡ୍ୟାନ୍ସିଂ' ର ଅନୁବାଦ ପାଇଁ ଏହି ପୁରସ୍କାର ପାଇବେ। ଓଡ଼ିଆ ବିଭାଗର ସମୁଦାୟ ୧୦ଟି ଅନୁବାଦ ପୁସ୍ତକକୁ ଏହି ପୁରସ୍କାର ପାଇଁ ସର୍ଟଲିଷ୍ଟ କରାଯାଇଥିଲା ବୋଲି ଜଣାପଡ଼ିଛି। ଓଡ଼ିଆ ବିଭାଗର ଏହି ପୁରସ୍କାର ନିର୍ଣ୍ଣୟ ପାଇଁ ସାହିତ୍ୟ ଏକାଡେମୀ ପକ୍ଷରୁ ଗଠିତ ବିଚାରକ ମଣ୍ଡଳୀରେ ଅମରେଶ ପଟ୍ଟନାୟକ,ପ୍ରବାସିନୀ ମହାକୁଡ଼ ଓ ମୋନାଲିସା ଜେନା ଥିଲେ। ଏହି ପୁରସ୍କାର ଘୋଷଣା ଶୁଣିବା ପରେ ସୁଭାଷ ଶତପଥୀ ଖୁସିବ୍ୟକ୍ତ କରିଛନ୍ତି। ଏହି ପୁରସ୍କାର ବାବଦକୁ ନଗଦ ୫୦ ହଜାର ଟଙ୍କା, ମାନପତ୍ର ଓ ଏକାଡେମୀ ପ୍ରଶସ୍ତି ଫଳକ ପ୍ରଦାନ କରାଯାଇଥାଏ ।